# ମଙ୍ଗଳେ ଅଇଲା ଉଷା

● ଗଙ୍ଗାଧର ମେହେର

(୧୮୬୨-୧୯୨୪)

**କବି ପରିଚୟ :**

*ଆଧୁନିକ ଓଡ଼ିଆ କାବ୍ୟଯୁଗର ଅନ୍ୟତମ କବି ଗଙ୍ଗାଧର ମେହେର ସ୍ୱଭାବକବି ଭାବରେ ପରିଚିତ । ଆଧୁନିକ ବରଗଡ଼ ଜିଲ୍ଲାର ବରପାଲିରେ ଜନ୍ମିତ କବି ଗଙ୍ଗାଧର ଅସାଧାରଣ ସୃଷ୍ଟି ପ୍ରତିଭାର ଅଧିକାରୀ । ପୁରାତନରେ ନୂତନତା ଆଣିବାରେ ଗଙ୍ଗାଧରଙ୍କ କବି-ଚାତୁରୀ ଅନନ୍ୟ । ସଂସ୍କୃତ ସାହିତ୍ୟର କାବ୍ୟ, ନାଟକ ଅବଲମ୍ବନରେ ଓଡ଼ିଆ କାବ୍ୟମାନ ରଚନା କରି ସେ ଅନେକତ୍ର ନିଜର ମୌଳିକତା ପ୍ରକାଶ କରିଯାଇଛନ୍ତି । ପ୍ରକୃତିକୁ ଜୀବନ୍ତ ସତ୍ତାରେ ରୂପାୟିତ କରାଇଛନ୍ତି ଗଙ୍ଗାଧର । ଓଡ଼ିଆ ଭାଷା ଓ ଓଡ଼ିଶାର ସ୍ୱାତନ୍ତ୍ର୍ୟକୁ ଘେନି ତାଙ୍କ ସ୍ୱାଭିମାନୀ କବି ମାନସରୁ ଝରିପଡିଛି ଅନେକ କ୍ଷୁଦ୍ର ଗୀତିକା । ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭାର ସ୍ମାରକୀ ହେଉଛି; ତପସ୍ୱିନୀ, ପ୍ରଣୟ ବଲ୍ଲରୀ, କୀଚକ ବଧ, ଇନ୍ଦୁମତୀ, ପଦ୍ମିନୀ, ଅଯୋଧ୍ୟା ଦୃଶ୍ୟ, ଉତ୍କଳ ଲକ୍ଷ୍ମୀ ଇତ୍ୟାଦି । ତାଙ୍କ କ୍ଷୁଦ୍ର ଗୀତିଗୁଡ଼ିକ ସଂକଳିତ ହୋଇଛି କୃଷକ ସଙ୍ଗୀତ, କବିତାମାଳା, କବିତା କଲ୍ଲୋଳ, ଅର୍ଘ୍ୟଥାଳୀ ଆଦି ପୁସ୍ତକରେ ।*

*'ମଙ୍ଗଳେ ଅଇଲା ଉଷା' ତପସ୍ୱିନୀ କାବ୍ୟର ଚତୁର୍ଥ ସର୍ଗରୁ ସଂଗୃହୀତ କାବ୍ୟାଂଶ । ବାଲ୍ମୀକି ଆଶ୍ରମରେ ରହୁଥିବା ନିର୍ବାସିତା ସୀତାଙ୍କୁ ପ୍ରକୃତି ସ୍ୱାଗତ କରିବା, ପ୍ରକୃତିକୁ ମାନବ ଚରିତ୍ର ଭଳି ଉପସ୍ଥାପନ କରିବାରେ କବି ଗଙ୍ଗାଧରଙ୍କ ସିଦ୍ଧହସ୍ତତା ଏହି ପଂକ୍ତିଗୁଡ଼ିକରେ ପ୍ରତିଫଳିତ ।*

---

(ରାଗ-ଚୋଖି)

**ମ**ଙ୍ଗଳେ ଅଇଲା ଉଷା    ବିକଚ-ରାଜୀବ ଦୃଶା
ଜାନକୀ-ଦର୍ଶନ-ତୃଷା ହୃଦୟେ ବହି,
କରପଲ୍ଲବେ ନୀହାର-    ମୁକ୍ତାଧରି ଉପହାର
ସତୀଙ୍କ ବାସ-ବାହାର-ପ୍ରାଙ୍ଗଣେ ରହି,
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତି, ରାତି ପାହିଲା । । ୧ ।

ଅରୁଣ କଷାୟ ବାସ, କୁସୁମକାନ୍ତି ବିକାଶ,
ପ୍ରଶାନ୍ତ ରୂପ, ବିଶ୍ୱାସ ଦିଅନ୍ତି ମନେ,
କେଉଁ ଯୋଗେଶ୍ୱରୀ ଆସି ମଧୁର ଭାଷେ ଆଶ୍ୱାସି
ଡାକୁଛନ୍ତି ଦୁଃଖରାଶି-ଉପଶମନେ,
ଦେବାପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ! । ୨ ।
ସମୀର ସଙ୍ଗୀତ ଗାଏ, ଭ୍ରମର ବୀଣା ବଜାଏ,
ସୁରଭି ନର୍ତ୍ତନେ ଥାଏ ଉଷା ନିର୍ଦ୍ଦେଶେ,
କୁମ୍ଭାଟୁଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମଧୁରେ କହିଲା,
"ଉଠ ସତୀ ରାଜ୍ୟ-ରାଣୀ, ରାତି ପାହିଲା।" । ୩ ।
ମୁନି-ମୁଖ ବେଦ-ସ୍ୱନ ପୂର୍ଣ୍ଣ କଲା ଶ୍ୟାମବନ
ଉଠିଲା ଭେଦି ଗଗନ ଉଚ୍ଚ ଓଁକାର
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି,
ବିହିଲା କି ସରସ୍ୱତୀ ବୀଣାଝଙ୍କାର;
ବେଳୁଁ ବେଳ ବନ ଉଜ୍ଜ୍ୱଳ,
ମନ୍ତ୍ର ବଳେ ଯେହ୍ନେ ବଢ଼ି ଆସିଲା ବଳ । । ୪ ।
ଏ କାଳେ ବ୍ରହ୍ମଚାରିଣୀ ଅନୁକମ୍ପା ତପସ୍ୱିନୀ
ଆସି ଜନକନନ୍ଦିନୀ ପାଶେ ଗମ୍ଭୀରେ
ବୋଇଲେ, "ଉଠ ବୈଦେହି, ଉଷା ସୁକୁମାର ଦେହୀ
ଆସିଛି, ଦର୍ଶନ ଦେଇ ତୋଷ ବିଧିରେ,
ତମସା ରହିଛି ଅନାଇ
କୋଳ କରି ଥରେ ସୁଖ ଲଭିବା ପାଇଁ।'' । ୫ ।
ପଦ୍ମିନୀ-ହୃଦ-ଶିଶିର- ବିନ୍ଦୁରେ ଖର-ରଶ୍ମିର
ପ୍ରତିବିମ୍ବ ପରି, ବୀର ରାମ-ମୂରତି
ଶୋକ ଜର୍ଜ୍ଜରିତ ଚିତ୍ତ- ଫଳକେ କରି ଚିତ୍ରିତ
ହେଲେ ଆସନୁ ଉତ୍‌ଥିତ ଜାନକୀ ସତୀ,
ନମି ଅନୁକମ୍ପା ପୟରେ
ବନ୍ଦିଲେ ଉଷାର ପଦ ସବିନୟରେ। । ୬ ।

ବୋଇଲେ ତାକୁ ପ୍ରଶଂସି, "ତୁମେ ତିମିର ବିଧ୍ୱଂସି
ରବି-ଆଗମନ-ଶଂସୀ ହୁଅ ସଂସାରେ,
ତୁମ୍ଭ କୋମଳ ଚରଣ କରେ ଜ୍ୟୋତି ଆହରଣ
ତହିଁ ଯାଉଛି ଶରଣ ଦୃଢ଼ ଆଶାରେ,
ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ବାଦିନୀ ହୁଅ ରଘୁବଂଶିକେ।"। ୭ ।
ଉତ୍ସୁକ ହୃଦୟେ ରାତ୍ରୀ- ଶେଷରେ ଆଶ୍ରମଧାତ୍ରୀ
ତମସା ନିର୍ମଳ-ଗାତ୍ରୀ ପବିତ୍ର-ଧାରା
ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ ନୀର ସିଞ୍ଚି
ମଙ୍ଗଳ ପ୍ରଦୀପ ରଚି ପ୍ରଭାତୀ ତାରା,
ମୁହୁର୍ମୁହୁଃ ମୀନ-ନୟନେ
ଚାହୁଁଥିଲା ସୀତା-ସତୀ ଶୁଭାଗମନେ।। ୮ ।
ଉଟଜୁ ତାପସକନ୍ୟା- ଗଣଙ୍କ ଆଦର-ବନ୍ୟା
ପ୍ଲାବନେ ଜଗତ-ଧନ୍ୟା-ସତୀ ରତନ
ବାହାରି ଅବଗାହନେ ଅନୁକମ୍ପାଙ୍କ ଗହଣେ
ତମସା ଧାର ବହନେ କଲେ ଗମନ;
ସତୀଙ୍କି ତମସା ଅଙ୍କରେ
ଘେନି ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ। । ୯ ।
ଅମୃତ ମଧୁର ସ୍ୱରେ ଭାଷିଲା ପରିତୋଷରେ
"ମାଆଗୋ, ମୋ ମାନସରେ ନ ଥିଲା ଆଶା,
କରିବ ଅଙ୍କେ ବିହାର ରାଜଲକ୍ଷ୍ମୀ ହୃଦହାର
ସୀତା କରି ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ।'' । ୧୦ ।

## ସୂଚନା :

ବିକଚ - ପ୍ରସ୍ଫୁଟିତ, ବିକଶିତ
ରାଜୀବ ଦୃଶା - ପଦ୍ମ ସଦୃଶ ଦୃଷ୍ଟି ବା ଚାହାଣି
ନୀହାର - ଶିଶିର
ପଲ୍ଲବ - କଅଁଳିଆ ପତ୍ର

| | | |
|---|---|---|
| କଳକଣ୍ଠ | - | କୋଇଲି |
| ଅରୁଣ କଷାୟ ବାସ | - | ଲାଲ ରଙ୍ଗର ପାଟ ବସ୍ତ୍ର |
| କଳିଙ୍ଗ | - | କଜଳପାତି ଚଢ଼େଇ |
| ପାଟ ମାଗଧ | - | ଶ୍ରେଷ୍ଠ ଭାଟ |
| ବୈକୁଣ୍ଠେ | - | ବିଷ୍ଣୁଙ୍କ ଧାମରେ |
| ଅନନ୍ତ | - | ବାସୁକି, ପୁରାଣରେ ବର୍ଣ୍ଣିତ ଅଛି ପୃଥିବୀର ନିମ୍ନଭାଗରେ ନାଗରାଜ ବାସୁକି ରହି ପୃଥିବୀକୁ ଧାରଣ ଧରିଛନ୍ତି । |
| ଆଗମନଶଂସୀ | - | ଆଗମନର ସୂଚକ |
| ତାପସ | - | ମୁନି |
| ତମସା | - | ବାଲ୍ମୀକି ଆଶ୍ରମ ନିକଟରେ ପ୍ରବାହିତ କ୍ଷୁଦ୍ର ନଦୀ |
| ଉଟଜ | - | କୁଡ଼ିଆ |

## ପ୍ରଶ୍ନାବଳୀ

### ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୧. 'ବିକଚ ରାଜୀବ-ଦୃଶା' ନିମ୍ନୋକ୍ତ କେଉଁ ଅର୍ଥକୁ ବୁଝାଉଛି ?
  (କ) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ ଆଖି ଯାହାର
  (ଖ) ପ୍ରସ୍ଫୁଟିତ ପଦ୍ମଫୁଲର ପାଖୁଡ଼ା ସଦୃଶ ଆଖି ଯାହାର
  (ଗ) ପ୍ରସ୍ଫୁଟିତ ପଦ୍ମଫୁଲର ସୌନ୍ଦର୍ଯ୍ୟ ଯୁକ୍ତ ଆଖି ଯାହାର
  (ଘ) ପ୍ରସ୍ଫୁଟିତ ପଦ୍ମଫୁଲ ସଦୃଶ ମୁଖ ଯାହାର

୨. 'ଅରୁଣ କଷାୟ ବାସ'ର ଅର୍ଥ ସ୍ୱରୂପ କେଉଁ ଉକ୍ତିଟି ଠିକ୍ ?
  (କ) ଅରୁଣଙ୍କ ନିମନ୍ତେ କଷାୟ ବସ୍ତ୍ର
  (ଖ) ଅରୁଣଙ୍କର କଷାୟ ବସ୍ତ୍ର
  (ଗ) ଅରୁଣ ରଙ୍ଗର କଷାୟ ବସ୍ତ୍ର
  (ଘ) କଷାୟ ରଙ୍ଗର ଅରୁଣ ବସ୍ତ୍ର

୩. ଉଷାକୁ ପ୍ରଶଂସା କରି ସତୀ ସୀତା କେଉଁ ବାକ୍ୟଟି କହିଛନ୍ତି ?
  (କ) ଉଷା ତିମିର-ବିଧ୍ୱଂସୀ
  (ଖ) ଉଷା ଜାନକୀ-ଦର୍ଶନ ତୃଷାର୍ତ୍ତ
  (ଗ) ଉଷା ମଙ୍ଗଳ ଆଗମନୀ
  (ଘ) ଉଷା ବିକଚ-ରାଜୀବ ଦୃଶା

୪. ସୀତାଙ୍କର ଅନ୍ୟନାମ ବୈଦେହୀ ହେବାର କାରଣ କ'ଣ ?

(କ) ବିଶେଷ ଦେହଧାରିଣୀ କନ୍ୟା

(ଖ) ବିଦେହର କନ୍ୟା

(ଗ) ଦେହହୀନା କନ୍ୟା

(ଘ) ବିଦେଶିନୀ କନ୍ୟା

୫. ନିମ୍ନଲିଖିତ ପଦଗୁଡ଼ିକ ମଧ୍ୟରୁ କେଉଁଟି ରୂପକ କର୍ମଧାରୟ ନୁହେଁ ଚିହ୍ନାଇଦିଅ।

(କ) କରପଲ୍ଲବ

(ଖ) ନୀହାରମୁକ୍ତା

(ଗ) ବୀଣାଝଙ୍କାର

(ଘ) ତରଙ୍ଗକର

୬. ନିମ୍ନୋକ୍ତ ପ୍ରତ୍ୟେକ ଶବ୍ଦର ଦୁଇଟି ଭିନ୍ନ ଭିନ୍ନ ଅର୍ଥ ଲେଖ।

ବାସ, ଅଙ୍କ, କର, ପଦ, ବନ, ବିଧି, ଶ୍ରୁତି

୭. ନିମ୍ନଲିଖିତ ଶବ୍ଦଗୁଡ଼ିକର ତିନୋଟି ଲେଖାଏଁ ପ୍ରତିଶବ୍ଦ ଲେଖ।

କୁସୁମ, ରାଜୀବ, ନୀର, ରାତ୍ରି, ଗଗନ

୮. 'କ' ସ୍ତମ୍ଭର ପ୍ରତ୍ୟେକ ପଦ ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପଦ ଯୋଗ କର।

| **'କ'** | **'ଖ'** |
|---|---|
| ସରସ୍ୱତୀ | ସ୍ତବପାଠ |
| ମୁକ୍ତା | ଆଶ୍ରମଧାତ୍ରୀ |
| ଉଷା | ପ୍ରଭାତୀତାରା |
| କୁହ୍ମାଟୁଆ | ଉପହାର |
| ମଙ୍ଗଳ ପ୍ରଦୀପ | ବୀଣାଝଙ୍କାର |
| ତମସା | ସୁକୁମାରଦେହୀ |
| | ତାପସ କନ୍ୟା |

୯. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।

(କ) ତୁମ୍ଭ କୋମଳ ଚରଣ କରେ _______ ଆହରଣ। ( କିରଣ, ଜ୍ୟୋତି, ରଶ୍ମି )

(ଖ) ବନ୍ଦିଲେ ଉଷାର _______ ସବିନୟରେ। ( ପଦ, ପାଦ, ଚରଣ )

(ଗ) ଜାନକୀ ଦର୍ଶନ _______ ହୃଦୟେ ବହି। ( ତୃଶା, ତୃଷା, ଆଶା )

(ଘ) ପ୍ରାଙ୍ଗଣେ କୁସୁମ ବିଞ୍ଚି ସୁବାସିତ _______ ସିଞ୍ଚି। (ନୀର, ଜଳ, ସଲିଳ )

**କ୍ଷୁଦ୍ର ଉତ୍ତରମୂଳକ :**

୧୦. 'ଦରଶନ ଦିଅ ସତି, ରାତି ପାହିଲା'– ଏ କଥା କିଏ କାହାକୁ କହିଛନ୍ତି ?

୧୧. ବାଲ୍ମୀକି ଆଶ୍ରମକୁ ଉଷା କାହିଁକି ଆଗମନ କରିଥିଲେ ବୋଲି ବର୍ଣ୍ଣିତ ହୋଇଛି ?

୧୨. ଉଷା ମଙ୍ଗଳ ମୁହୂର୍ତ୍ତରେ ଆସିଥିବା କଥା କବିତାର କେଉଁ ପଦରୁ ଜଣାପଡୁଛି ?

୧୩. ଉଷା ଉପହାର ସ୍ୱରୂପ କ'ଣ ଆଣିଛନ୍ତି ?

୧୪. ଉଷାଙ୍କ କର ବୋଲି କବି କାହାକୁ କଳ୍ପନା କରିଛନ୍ତି ?

୧୫. ଉଷା କେଉଁ ସ୍ଥାନରେ ରହି ସୀତାଙ୍କୁ ଡାକିଲେ ?

୧୬. କଳକଣ୍ଠ କଣ୍ଠରେ କିଏ କହିଲା ?

୧୭. ଉଷା କି ପ୍ରକାର ବସ୍ତ୍ର ପିନ୍ଧିଛନ୍ତି ?

୧୮. କବି ଉଷାଙ୍କୁ କେଉଁ ରୂପରେ ବର୍ଣ୍ଣନା କରିଛନ୍ତି ?

୧୯. ମର୍ତ୍ତ୍ୟଭୁବନକୁ ଉଷା ଆସିବାର ଉଦ୍ଦେଶ୍ୟ କ'ଣ ?

୨୦. ସୀତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଉଷା କି ବ୍ୟବସ୍ଥାମାନ କରାଇଥିଲେ ?

୨୧. ଉଷା ସୀତାଙ୍କୁ ସତୀ, ରାଜ୍ୟ ରାଣୀ ବୋଲି ସମ୍ବୋଧନ କଲେ କାହିଁକି ?

୨୨. ସରସ୍ୱତୀଙ୍କ ବୀଣାଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?

୨୩. ଏହାଦ୍ୱାରା ବନଭୂମିରେ କି ପରିବର୍ତ୍ତନ ଆସିଲା ?

୨୪. ଅନୁକମ୍ପା କିଏ ?

୨୫. ଅନୁକମ୍ପା ସୀତାଙ୍କୁ କ'ଣ କହିଲେ ?

୨୬. ସୀତାଙ୍କ ହୃଦୟରେ ପ୍ରତିବିମ୍ବିତ ବୀର ରାମ ମୂର୍ତ୍ତିକୁ କବି କାହାପରି ବୋଲି କହିଛନ୍ତି ?

୨୭. ସୀତାଙ୍କ ହୃଦୟ ଶୋକ-ଜର୍ଜରିତ ହେବାର କାରଣ କ'ଣ ?

୨୮. ସୀତା ଉଷାଙ୍କ ପଦ ବନ୍ଦନା କରି କ'ଣ କହିଲେ ?

୨୯. ଉଷାଙ୍କୁ 'ଶୁଭ୍ର ସଉରଭ ରସିକେ' ବୋଲି ସୀତା କହିଲେ କାହିଁକି ?

୩୦. 'ଶୁଭ ସମ୍ପାଦିନୀ ହୁଅ ରଘୁବଂଶିକେ'– ଏ କଥା କିଏ କାହାକୁ କହିଛନ୍ତି ?

୩୧. ତମସାକୁ ଆଶ୍ରମଧାତ୍ରୀ ବୋଲି କାହିଁକି କୁହାଯାଇଛି ?

୩୨. ତମସା ନଦୀ କି କି ଆୟୋଜନ କରି ସତୀ ସୀତାଙ୍କର ଆଗମନକୁ ଅପେକ୍ଷା କରିଥିଲେ ?

୩୩. ତମସା ନଦୀ ସୀତାଙ୍କୁ କିପରି ସ୍ୱାଗତ ଜଣାଇଥିଲା ?

୩୪. ସୀତାଙ୍କୁ ଲାଭ କରି ତମସା ନିଜକୁ ଭାଗ୍ୟବତୀ ବୋଲି ଭାବିଛନ୍ତି କାହିଁକି ?

## ସପ୍ରସଙ୍ଗ ସରଳାର୍ଥ :

୩୫. ଦେବା ପାଇଁ ନବ ଜୀବନ
ସ୍ୱର୍ଗୁ କି ଓହ୍ଲାଇଛନ୍ତି ମର୍ତ୍ତ୍ୟ ଭୁବନ ?

୩୬. ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି
ବିହିଲା କି ସରସ୍ୱତୀ ବୀଣାଝଙ୍କାର

୩୭. ଭାଗ୍ୟବତୀ ମୋତେ ସଂସାରେ
ବୋଲିବେ ତୋ' ଯୋଗୁଁ ଏକା ପରଶଂସାରେ ।

୩୮. ଶୁଭ୍ର ସଉରଭ ରସିକେ
ଶୁଭ-ସମ୍ପାଦିନୀ ହୁଅ ରଘୁବଂଶିକେ ।

## ଦୀର୍ଘ ଉତ୍ତରମୂଳକ :

୩୯. ପଠିତ କବିତା ଅନୁସରଣରେ ବାଲ୍ମୀକି ଆଶ୍ରମର ପ୍ରଭାତକାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟ ବର୍ଣ୍ଣନା କର ।

୪୦. ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି – ଆଲୋଚନା କର ।

୪୧. ପଠିତ କବିତାରୁ କବିଙ୍କର ପ୍ରକୃତି ଚିତ୍ରଣର ବିଶେଷତ୍ୱ ଲେଖ ।

୪୨. କବି ଗଙ୍ଗାଧର ମେହେରଙ୍କ ଲେଖନୀରେ ପ୍ରକୃତି ମାନବ ଭଳି ସମ୍ବେଦନଶୀଳ – ପଠିତ କବିତାକୁ ଭିତ୍ତି କରି ଆଲୋଚନା କର ।

## ତୁମ ପାଇଁ କାମ :

୪୩. କବି ଗଙ୍ଗାଧରଙ୍କ ରଚିତ ତପସ୍ୱିନୀ କାବ୍ୟଟି ଅବସର ସମୟରେ ପଢ଼ ।

୪୪. ତୁମେ ପଢୁଥିବା ବିଭିନ୍ନ କାବ୍ୟକବିତାରୁ ପ୍ରକୃତି ବର୍ଣ୍ଣନା ଥିବା ଅଂଶକୁ ଟିପା ଖାତାରେ ଲେଖି ରଖ ଓ ଉଦ୍ଧୃତି ରୂପେ ବ୍ୟବହାର କର ।

୪୫. 'ପ୍ରଭାତ' ବିଷୟରେ ସ୍କୁଲର ପ୍ରାଚୀର ପତ୍ର ପାଇଁ କବିତାଟିଏ ଲେଖିବାକୁ ଚେଷ୍ଟାକର ।

◆